# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 September – 2026

**********************************

## <u>ମୁଖ୍ୟ ସମ୍ବାଦ</u>

- ଆରମ୍ଭ ହେଲା ବିଧାନସଭାର ମୌସୁମୀ ଅଧିବେଶନ

– ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଙ୍ଗାମା ଯୋଗୁଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗୃହ ମୁଲତବୀ

- ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଅଧୀନରେ ରାଜ୍ୟର ୨୮ ଲକ୍ଷରୁ ଊର୍ଦ୍ଧ୍ୱ ପରିବାର ପାଇବେ ପକ୍କାଘର

- ଅବପାତ ପ୍ରଭାବରେ ଅତିପ୍ରବଳ ବର୍ଷା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା

ଏବଂ

- ଏସୀୟ କ୍ରୀଡ଼ାରେ ଭାରତୀୟ କ୍ରିକେଟ୍ ଦଳର ସ୍ୱର୍ଣ୍ଣପଦକ ହାସଲ, ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

# ବିଧାନସଭା ଅଧିବେଶନ-୧

ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି । ଅଧିବେଶନ ଆରମ୍ଭରୁ ଶୋକ ପ୍ରସ୍ତାବ ପରେ ବିଦ୍ୟାଳୟ ପାଠ୍ୟପୁସ୍ତକ ତ୍ରୁଟି ଓ ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି ।

ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଦିବଂଗତ ସଦସ୍ୟ ଡମ୍ବରୁ ମାଝି, ସୁଶାନ୍ତ ସିଂ, ରାମମୂର୍ତ୍ତି ଗମାଙ୍ଗ, ହାଜିମହମ୍ମଦ ଆୟୁବ ଖାନ୍, ଶିବାଜୀ ମାଝି ଓ ନେପାଳ ବନ୍ୟାରେ ମୃତକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିଥିଲେ । ପ୍ରସ୍ତାବକୁ ସମର୍ଥନ କରି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ଦିବଂଗତଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏହା ପରେ ବିରୋଧୀ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଠ୍ୟପୁସ୍ତକ ତ୍ରୁଟି ଏବଂ ଏମଏମ୍‌ଡିଆର ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ହଟ୍ଟଗୋଳ କରିଥିଲେ । ଉପବାଚସ୍ପତି ସଦସ୍ୟମାନଙ୍କୁ ନିଜ ନିଜ ଆସନକୁ ଫେରିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ହଟ୍ଟଗୋଳ ଜାରି ରହିବାରୁ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

ଆସନ୍ତାମାସ ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା  ଏହି ମୌସୁମୀ ଅଧିବେଶନରେ ୯ଟି କାର୍ଯ୍ୟଦିବସ ରହିଛି ।

# ବିଧାନସଭା ଅଧିବେଶନ-୪

ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଅଧୀନରେ ରାଜ୍ୟ ୨୮ ଲକ୍ଷ ୪୨ ହଜାରରୁ ଊର୍ଦ୍ଧ୍ୱ ପରିବାର ପକ୍କାଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଗୃହରେ ତଥ୍ୟ ରଖିଛନ୍ତି । ମନ୍ତ୍ରୀ କହିଛନ୍ତି, ଆୱାସ ପ୍ଲସ୍ ୨୦୨୪ ସର୍ଭେଭୁକ୍ତ ପରିବାରଙ୍କ ତାଲିକା ପ୍ରସ୍ତୁତ ଓ କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଧାର୍ଯ୍ୟ ଲକ୍ଷ୍ୟ ପ୍ରାପ୍ତି ପରେ ରାଜ୍ୟରେ ହିତାଧିକାରୀମାନଙ୍କୁ ଗୃହ ମଂଜୁର କରାଯିବ । ୨୦୨୫-୨୬, ୨୦୨୬-୨୭ ଆର୍ଥିକବର୍ଷରେ ଏହି ଯୋଜନାରେ କୌଣସି ଗୃହ ମଂଜୁର କରାଯାଇ ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

# ବିଧାନସଭା ଅଧିବେଶନ-୨

ରାଜ୍ୟର ୩୦ଟି ଜିଲ୍ଲାର ୫୧ଟି ବନଖଣ୍ଡରେ ୬ ହଜାର ୯୯୯ ହେକ୍ଟର ସଘନ ବନୀକରଣ, ୫୦ ହଜାର ୩୫୫ ଦଶମିକ ୩/୬ ହେକ୍ଟର ଜଙ୍ଗଲର ପୁନରୁଦ୍ଧାର, ୩ ହଜାର ୮୨୩ ଦଶମିକ ୬ କିଲୋମିଟର ରାସ୍ତାପାର୍ଶ୍ୱ ବନୀକରଣ ସହ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇ । ବିଧାନସଭାରେ  ସଦସ୍ୟ ଅଶ୍ୱିନୀ ପାତ୍ରଙ୍କ ପ୍ରଶ୍ନର ଲିଖିତ ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି, ଭାରତୀୟ ବନ ସର୍ଭେକ୍ଷଣ ସଂସ୍ଥାର ୨୦୨୩ ରିପୋର୍ଟ ଅନୁଯାୟୀ, ରାଜ୍ୟରେ

୨୧ ହଜାର ୬୫ ଦଶମିକ ୫/୫ ବର୍ଗକିଲୋମିଟର ପରିମିତ ପ୍ରାକୃତିକ ଜଙ୍ଗଲ ରହିଛି । ୨୦୨୪ରୁ ୨୦୨୭ ୩ଟି ଆର୍ଥିକବର୍ଷରେ ବନୀକରଣ ଓ ରକ୍ଷଣାବେକ୍ଷଣ ବାବଦରେ ମୋଟ୍ ୯୪୯ କୋଟି ୨୨ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି ।

# ବିଧାନସଭା ଅଧିବେଶନ-୩

୨୦୨୪ ମସିହାରୁ ୨୦୨୬ ଅଗଷ୍ଟ ମାସ ମଧ୍ୟରେ ୨ ହଜାର ୮୯୦ ଜଣ ପ୍ରବାସୀ ଶ୍ରମିକଙ୍କୁ ରାଜ୍ୟ ବାହାରୁ ଉଦ୍ଧାର କରାଯାଇଛି । ସେହିପରି ୩୮ ଜଣ ପ୍ରବାସୀ ଶ୍ରମିକଙ୍କ ମରଶରୀରକୁ ରାଜ୍ୟ ବାହାରୁ ନିଜ ଗ୍ରାମକୁ ଅଣାଯିବା ନମନ୍ତେ ପଦକ୍ଷେପ ନିଆଯାଇଛି ବୋଲି ଆଜି ବିଧାନସଭାରେ ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଲିଖିତ ଉତ୍ତରରେ ଦର୍ଶାଇଛନ୍ତି । ବିଧାୟକ ପ୍ରତାପ କେଶରୀ ଦେବଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ଉଦ୍ଧାର ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ବଲାଙ୍ଗୀର ଜିଲ୍ଲାର ସର୍ବାଧିକ ୧ ହଜାର ୫୧୫ ଜଣ ରହିଛନ୍ତି । ଏହି ଅବଧି ମଧ୍ୟରେ ନୂଆପଡ଼ାର ୫୦୩ ଜଣ, କଳାହାଣ୍ଡିର ୧୬୮ ଜଣ ଏବଂ ବରଗଡ଼ର ୧୩୭ ଜଣ ଶ୍ରମିକଙ୍କୁ ଅନ୍ୟ ରାଜ୍ୟରୁ ଉଦ୍ଧାର କରାଯାଇଛି ।

ସେହିପରି ଗଞ୍ଜାମ ଜିଲ୍ଲାର ୬୨ ଜଣ, ମୟୂରଭଞ୍ଜର ୩୮ ଏବଂ କଳାହାଣ୍ଡି ଜିଲ୍ଲାର ୩୨ ଜଣ ପ୍ରବାସୀ ଶ୍ରମିକଙ୍କ ମୃତଦେହ ନିଜ ଗ୍ରାମକୁ ଅଣାଯାଇଛି । ବାହାର ରାଜ୍ୟରେ ମୃତ୍ୟୁବରଣ କରିଥିବା ୩୮ ଜଣ ଶ୍ରମିକ ପରିବାରକୁ

ସମୁଦାୟ ୩ କୋଟି ୫୮ ଲକ୍ଷ ୩୪ ହଜାର ୯୬୭ ଟଙ୍କାର ସହାୟତା ଯୋଗାଇ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।

# ପ୍ରେସିଡେଣ୍ଟ-ନ୍ୟାସନାଲ୍ ଫିଲ୍ମ ଆୱାର୍ଡ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସନ୍ଧ୍ୟାରେ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରିବେ । ଗୁଜରାଟର ଏକତା ନଗରଠାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ । 'ଏକ ଭାରତ ଶ୍ରେଷ୍ଠ ଭାରତ' ପ୍ରସଙ୍ଗ ଆଧାରରେ ଏହି ସମାରୋହ ଅନୁଷ୍ଠିତ ହେବ । ୧୯୫୪ ମସିହାଠାରୁ ଏହି ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇ ଆସୁଛି । ଏଥିରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରତିପାଦିତ ବ୍ୟକ୍ତିବିଶେଷ, ଫିଲ୍ମ ଏବଂ ବୈଷୟିକ କ୍ଷେତ୍ରରେ ପୁରସ୍କାର ପ୍ରଦାନ କରାଯାଇଥାଏ ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳ ପକ୍ଷରୁ ଚଳିତ ବର୍ଷ ପୁରସ୍କାର ସମାରୋହ ନୂଆଦିଲ୍ଲୀ ବାହାରେ ଅନୁଷ୍ଠିତ ହେଉଛି । ୨୦୨୪ ମସିହା ପାଇଁ ଦାଦାସାହେବ ଫାଲ୍କେ ପୁରସ୍କାର ବିଶିଷ୍ଟ ଅଭିନେତା ଅନନ୍ତ ନାଗ ପାଇବେ ।

# ପାଣିପାଗ-ବର୍ଷା

ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ  ଅଧିକ ଘନୀଭୂତ ହୋଇ  ଅବପାତରେ ପରିଣତ ହୋଇଛି । ଏହା ଗଭୀର ଅବପାତରେ

ପରିଣତ ହୋଇ ଆସନ୍ତାକାଲି ସୁଦ୍ଧା ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ଉପକୂଳ ନିକଟରେ ପହଞ୍ଚିବାର ସମ୍ଭାବନା ରହିଛି । ଅବପାତ ଗୋପାଳପୁରଠାରୁ ୨୦୦ କିଲୋମିଟର ଓ ପୁରୀଠାରୁ୨୧୦ କିଲୋମିଟର ଦୂର ଉତ୍ତର-ପଶ୍ଚିମ ଦିଗରେ ଗତି କରୁଛି । ଆସନ୍ତା ବୁଧବାର ରାତିରୁ ଗୁରୁବାର ଭୋର୍ ମଧ୍ୟରେ ବିଶାଖପଟନମ୍ ଓ ଗୋପାଳପୁର ମଧ୍ୟରେ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଦେଇ ଏହା ଅତିକ୍ରମ କରିବ । ଫଳରେ ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ଅତିପ୍ରବଳ ବର୍ଷା ହେବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଏ ସମ୍ପର୍କରେ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ମନୋରମା ମହାନ୍ତି କହିଛନ୍ତି...

**V/O**

ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲ୍ଲାରେ ଆଜିଠାରୁ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଓ ଜଗତ୍ସିଂହପୁର ଜିଲ୍ଲାରେ ଆଜି ପାଇଁ ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି । ମାଲକାନଗିରି, ପୁରୀ ଏବଂ କୋରାପୁଟ ଜିଲ୍ଲାରେ ସମସ୍ତ ସରକାରୀ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ଗଞ୍ଜାମ ଜିଲ୍ଲାର ଗୋପାଳପୁର ବେଳାଭୂମି ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷର ଆସନ୍ତାକାଲି ଓ ୨୪ ତାରିଖ ୨ ଦିନ ପାଇଁ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯିବା ସହ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ଶିକ୍ଷାନୁଷ୍ଠାନକୁ ବନ୍ଦ ରଖାଯାଇଛି । ଇନ୍ଦ୍ରାବତୀ ଜଳଭଣ୍ଡାରରେ ଦେଶୀ ଡଙ୍ଗାରେ ଯାତାୟାତ ଉପରେ ରୋକ୍ ଲଗାଯାଇଛି । ଜିଲ୍ଲାର ସମସ୍ତ ବିଡ଼ିଓ ଓ ସଂଯୁକ୍ତ ବିଭାଗର ଅଧିକାରୀଙ୍କ ସହ ପ୍ରସ୍ତୁତି ବୈଠକ ପରେ ଜିଲ୍ଲାର ତଳିଆ ଓ ଦୁର୍ବଳ ଅଞ୍ଚଳ ଉପରେ କଡ଼ା ନଜର ରଖାଯାଇଥିବା ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ସୂଚନା ଦେଇଛନ୍ତି ।

## ସେବା ସଂକଳ୍ପ ଅଭିଯାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି। ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗୀକାରବଦ୍ଧତାକୁ ଏହା ପ୍ରକାଶ କରୁଛି। ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି। ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି। ସେବା ସଂକଳ୍ପ ଅଭିଯାନର ଏହି ଧାରାବାହିକରେ ଆଜି ଶୁଣନ୍ତୁ ପ୍ରାକୃତିକ କୃଷି ସମ୍ପର୍କରେ...

ରାସାୟନିକ ସାର ଓ କୀଟନାଶକ ଔଷଧର ବ୍ୟବହାରକୁ ହ୍ରାସ କରି ମୃତ୍ତିକାର ସ୍ୱାସ୍ଥ୍ୟ, ଜୈବ ବିବିଧତା ଓ ଚାଷୀଙ୍କ ଆୟକୁ ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ପ୍ରାକୃତିକ କୃଷିକୁ ଗୁରୁତ୍ୱ ଦେଉଛନ୍ତି । ପ୍ରାକୃତିକ କୃଷିରେ ଫସଲ, ଗଛ ଓ ପଶୁପାଳନର ସମନ୍ୱୟ ସହ ସ୍ଥାନୀୟ ସମ୍ବଳ ଓ ପାରମ୍ପରିକ ଜ୍ଞାନର ଉପଯୋଗ କରାଯାଇଥାଏ । ମୃତ୍ତିକାର ଉର୍ବରତା, ପ୍ରାକୃତିକ ସମ୍ପଦର ସଂରକ୍ଷଣ ଓ କୃଷିକୁ ଅଧିକ ଜଳବାୟୁ ସହନଶୀଳ କରିବା ଲକ୍ଷ୍ୟରେ ଜାତୀୟ ପ୍ରାକୃତିକ କୃଷି ମିଶନକୁ କେନ୍ଦ୍ର କ୍ୟାବିନେଟ୍ ୨୦୨୪ ମସିହା ନଭେମ୍ବର ମାସ ୨୫ ତାରିଖରେ ଅନୁମୋଦନ କରିଥିଲେ । ଏଥିପାଇଁ ୨ ହଜାର ୪୮୧ କୋଟି ଟଙ୍କାର ଆର୍ଥିକ ବ୍ୟୟ ବରାଦ କରାଯାଇଛି । ମିଶନ ଅଧୀନରେ ଚାଷୀମାନଙ୍କୁ ଏକର ପିଛା ବର୍ଷକୁ ୪ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି । ଚାଷୀମାନଙ୍କୁ ସହଜରେ ଜୀବାମୃତ, ବୀଜାମୃତ ଭଳି ପ୍ରାକୃତିକ କୃଷି ଉପାଦାନ ଯୋଗାଇବା ବ୍ୟବସ୍ଥା ରହିଛି । ଚଳିତବର୍ଷ ମାର୍ଚ୍ଚମାସ ସୁଦ୍ଧା ୧୮ ହଜାର ୭୮୬ଟି କ୍ଲଷ୍ଟରରେ ୮ ଲକ୍ଷରୁ ଊର୍ଦ୍ଧ୍ୱ ହେକ୍ଟର ଜମିକୁ ଏହି ମିଶନ ଅଧୀନରେ ଅଣାଯାଇଥିବା ବେଳେ ୧୮ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକୃତ ହୋଇଛନ୍ତି ।

ବୌଦ୍ଧ ଜିଲ୍ଲାରେ ଜୈବିକ ପଦ୍ଧତିରେ କୃଷିକାର୍ଯ୍ୟ କରାଯାଇ ଚାଷୀମାନେ ଉପକୃତ ହୋଇଛନ୍ତି । ମିଶନ ଅଧୀନରେ ଜିଲ୍ଲାର ଚାଷୀ

କୃତିବାସ ପାଲିଆ ନିଜେ ଚାଷ କରି ସ୍ୱାବଲମ୍ବୀ ହେବ ସହ ଅନ୍ୟମାନଙ୍କୁ ପ୍ରାକୃତିକ ପଦ୍ଧତିରେ ଚାଷ କରିବାକୁ ପ୍ରୋତ୍ସାହିତ କରୁଛନ୍ତି । ଏ ସଂପର୍କରେ ସେ କହିଛନ୍ତି :

**- V/O (Krutibas Palia) -**

ବର୍ତ୍ତମାନ ସମୟରେ ପ୍ରାକୃତିକ କୃଷି କେବଳ ଆବଶ୍ୟକତା ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ଭବିଷ୍ୟତର ଏକ ମାଧ୍ୟମ ।

ବୌଦ୍ଧ ସମ୍ବାଦଦାତା ସମ୍ପତ କୁମାର ଅଗ୍ରୱାଲଙ୍କ ରିପୋର୍ଟ ସହ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।

## ଏସୀୟ କ୍ରୀଡ଼ା

ଜାପାନର ନିଶିହିନଠାରେ ଖେଳାଯାଉଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ଟି-୨୦ କ୍ରିକେଟ୍ ଫାଇନାଲ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୧୪୭ରନ୍‌ରେ ପରାସ୍ତ କରି ଭାରତୀୟ ମହିଳା ଦଳ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି । ବର୍ତ୍ତମାନ ସୁଦ୍ଧା ଏସୀୟ କ୍ରୀଡ଼ାରେ ଭାରତ ଗୋଟିଏ ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛି । ସ୍ୱର୍ଣ୍ଣପଦକ ହାସଲ କରିଥିବା ଭାରତୀୟ ମହିଳା କ୍ରିକେଟ୍ ଦଳକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି ।